# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 30 January – 2026

*********************************

## ମୁଖ୍ୟ ସମ୍ବାଦ

- ୭୮ତମ ପୂଣ୍ୟତିଥି ଅବସରରେ ବାପୁଜୀଙ୍କୁ ଦେଶବାସୀ ଅର୍ପଣ କରୁଛନ୍ତି ଶ୍ରଦ୍ଧାସୁମନ

— ଗାନ୍ଧିଜୀଙ୍କ ଅହିଂସା ଓ ମାନବିକତାର ଦର୍ଶନ ଶାସନ ଓ ସମାଜ ଗଠନର ମୂଳଦୁଆ ବୋଲି କହିଲେ ମୁଖ୍ୟମନ୍ତ୍ରୀ

- ରାଜ୍ୟର ଘରୋଇ ଉତ୍ପାଦ ଗତ ଆର୍ଥିକବର୍ଷରେ ହାସଲ କରିଛି ରେକର୍ଡ ପରିମାଣ ୧୩ ଦଶମିକା ୪ ପ୍ରତିଶତ ଅଭିବୃଦ୍ଧି

- ଗ୍ରାମ୍ୟ ସଶକ୍ତୀକରଣ ମାଧ୍ୟମରେ ଉନ୍ନତ ଏବଂ ସ୍ୱାବଲମ୍ବୀ ଓଡ଼ିଶା ଗଠନ ହୋଇପାରିବ; କହିଲେ ପଂଚାୟତିରାଜ ମନ୍ତ୍ରୀ

ଏବଂ

- ଆଜି ଉଦ୍‌ଯାପିତ ହେଉଛି ଗୋପାଳପୁର ବେଳାଭୂମି ମହୋତ୍ସବ; ଯୋଗଦେବେ ମୁଖ୍ୟମନ୍ତ୍ରୀ

# ଶହୀଦ ଦିବସ

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଜି ହେଉଛି ୭୮ତମ ପୁଣ୍ୟତିଥି। ନୂଆଦିଲ୍ଲୀ ରାଜଘାଟସ୍ଥିତ ଗାନ୍ଧୀ ସମାଧି ପୀଠରେ ସର୍ବ-ଧର୍ମ ପ୍ରାର୍ଥନା ଅନୁଷ୍ଠିତ ହୋଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନନ୍ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପ୍ରମୁଖ ରାଜଘାଟଠାରେ  ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଗାନ୍ଧିଜୀଙ୍କୁ ସ୍ମରଣ କରି **ପ୍ରଧାନମନ୍ତ୍ରୀ** ଶ୍ରୀ ମୋଦୀ କହିଛନ୍ତି, ପୂଜ୍ୟ ବାପୁ ସର୍ବଦା ସ୍ୱଦେଶୀ ଉପରେ ଗୁରୁତ୍ୱ ଦେଉଥିଲେ। ବିକଶିତ ଓ ଆତ୍ମନିର୍ଭରଶୀଳ ଭାରତ ଗଠନ ପାଇଁ ଏହା ହେଉଛି ସଂକଳ୍ପର ଏକ ମୌଳିକ ସ୍ତମ୍ଭ। ଗାନ୍ଧିଜୀଙ୍କ ବ୍ୟକ୍ତିତ୍ୱ ଏବଂ କାର୍ଯ୍ୟ ସର୍ବଦା ଦେଶର ଜନସାଧାରଣଙ୍କୁ କର୍ତ୍ତବ୍ୟ ପଥରେ ଆଗେଇବାକୁ ପ୍ରେରଣା ଯୋଗାଇବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା' ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସାମାଜିକ ଗଣମାଧ୍ୟମରେ କହିଛନ୍ତି,  ଗାନ୍ଧିଜୀ' ଭାଷା, ଅଞ୍ଚଳ ଏବଂ ଜାତିଭିତ୍ତିରେ ଭାଗ ଭାଗ ହୋଇଥିବା ଭାରତକୁ ଏକତ୍ର କରିଥିଲେ।

ସ୍ୱଦେଶୀ, ସ୍ୱାଧୀନତା ଏବଂ ସ୍ୱଚ୍ଛତାକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବା କ୍ଷେତ୍ରରେ ଗାନ୍ଧିଜୀଙ୍କ ଅବଦାନକୁ ମନ୍ତ୍ରୀ ଶ୍ରୀ ଶାହ ପ୍ରଶଂସା କରିଛନ୍ତି ।

ରାଜ୍ୟସ୍ତରୀୟ ସହିଦ୍ ଦିବସ ପାଳନ ତଥା ଗାନ୍ଧିଜୀଙ୍କ ତିରୋଧାନ ଦିବସ ଅବସରରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଦିଆଯାଇଛି । ଆଜି ପୂର୍ବାହ୍ଣରେ ଓଡ଼ିଶା ବିଧାନସଭା ପ୍ରାଙ୍ଗଣରେ ଏକ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଯାଇଛି । ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ସମେତ ମନ୍ତ୍ରିମଣ୍ଡଳର ସଦସ୍ୟବୃନ୍ଦ, ସାଂସଦ ଓ ବିଧାୟକ ପ୍ରମୁଖ ଉପସ୍ଥିତ ଥିଲେ । ବାପୁଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯିବା ସହ ପୁଲିସ୍ ବାହିନୀ ପକ୍ଷରୁ ସହିଦ୍‌ମାନଙ୍କୁ ସମ୍ମାନ ପ୍ରଦର୍ଶନ କରାଯାଇଛି ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କ ବାର୍ତ୍ତାରେ କହିଛନ୍ତି, ମହାତ୍ମା ଗାନ୍ଧୀଙ୍କ ଅହିଂସା ଓ ମାନବିକତାର ଦର୍ଶନ ଶାସନ ଓ ସମାଜ ଗଠନର ମୂଳଦୁଆ । ଦେଶର ସ୍ୱାଧୀନତା ଓ ସୁରକ୍ଷା ପାଇଁ ବଳିଦାନ ଦେଇଥିବା ଅମର ସହିଦମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସ୍ମୃତିଚାରଣ କରିଛନ୍ତି ।

**- V/O -**

ସହିଦମାନଙ୍କ ନିଷ୍ଠା ଓ ବଳିଦାନ ଏକ ଶକ୍ତିଶାଳୀ ରାଷ୍ଟ୍ର ଗଠନ ପାଇଁ ସବୁବେଳେ ମାର୍ଗଦର୍ଶନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

୧୯୪୮ ମସିହା ଆଜିର ଦିବସରେ ଦିଲ୍ଲୀ ବିରଳା ଭବନ ପ୍ରାଙ୍ଗଣରେ ପ୍ରାର୍ଥନା ସଭାକୁ ଯାଉଥିବାବେଳେ ଗୁଳିମାଡରେ ବାପୁଜୀ ପରଲୋକ ଗମନ କରିଥିଲେ । ବାପୁଜୀଙ୍କ ପୁଣ୍ୟତିଥି ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗର ସ୍ମୃତି ଉଦ୍ଦେଶ୍ୟରେ ଆଜି ଦେଶବ୍ୟାପୀ ଶହିଦ ଦିବସ ପାଳନ କରାଯାଉଛି ।

## ମାଲ୍ୟାର୍ପଣ

**ଭଦ୍ରକ** ଜିଲ୍ଲା ପ୍ରଶାସନ ଏବଂ ଗାନ୍ଧି ବିଚାରମଂଚ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ପୂଣ୍ୟ ତିଥି ଅବସରରେ ନୂଆବଜାର ଗାନ୍ଧୀ ପଡିଆସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟଙ୍କ ସମେତ ବରିଷ୍ଠ ନାଗରିକ, ବିଶିଷ୍ଟ ବ୍ୟକ୍ତି ଗରଦପୁର ଗାନ୍ଧୀ ଓଡ଼ିଶା ବାଳାଶ୍ରମ ଅନ୍ତେବାସୀ ପ୍ରମୁଖ ଗାନ୍ଧିଜୀଙ୍କ ଜୀବନୀ ଉପରେ ସ୍ମୃତିଚାରଣ କରିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ସଂକଳ୍ପ ନେବାକୁ ପରାମର୍ଶ ଦେଇଥିଲେ।

## ମୁଖ୍ୟମନ୍ତ୍ରୀ

ଓଡ଼ିଶାର ଘରୋଇ ଉତ୍ପାଦ ଗତ ଆର୍ଥିକବର୍ଷରେ ରେକର୍ଡ ପରିମାଣ ୧୩ ଦଶମିକ ୪ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ୨୦୨୩-୨୪ ଆର୍ଥିକବର୍ଷରେ ଘରୋଇ ଉତ୍ପାଦ ୬ ଲକ୍ଷ ୯୯ ହଜାର କୋଟି ଥିବାବେଳେ ଗତ ଆର୍ଥିକବର୍ଷରେ ଏହା ୭ ଲକ୍ଷ ୯୦ ହଜାର କୋଟି ଟଙ୍କାକୁ ବୃଦ୍ଧି ପାଇଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ଗତକାଲି ସଂସଦରେ ଉପସ୍ଥାପିତ ଚଳିତ ଆର୍ଥିକବର୍ଷର

ଅର୍ଥନୈତିକ ସର୍ଭେ ରିପୋର୍ଟ ପରିପ୍ରେକ୍ଷୀରେ ଶ୍ରୀ ମାଝୀ ଏହା କହିଛନ୍ତି। ଓଡ଼ିଶାରେ ମୁଣ୍ଡ ପିଛା ଆୟ ଉନ୍ନତ ସ୍ତରରେ ରହିଥିବାବେଳେ ଜୀବନଧାରଣ ମାନରେ ପରିବର୍ତ୍ତନ ଘଟିଛି ବୋଲି ସେ କହିଛନ୍ତି। ବିଭିନ୍ନ କ୍ଷେତ୍ର ପ୍ରଦର୍ଶନ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, କୃଷି କ୍ଷେତ୍ର ରାଜ୍ୟର ଅଭିବୃଦ୍ଧିର ଏକ ପ୍ରମୁଖ ସ୍ତମ୍ଭ ଭାବେ ରହିଛି। ରାଜ୍ୟରେ ବ୍ୟାଙ୍କ ଜମା ୫ ଲକ୍ଷ ୮୩ ହଜାର କୋଟି ଟଙ୍କାକୁ ବୃଦ୍ଧି ପାଇବା ଆର୍ଥିକ ସ୍ଥିତି, ଭିତ୍ତିଭୂମି, ଶିକ୍ଷା ଏବଂ ସାମାଜିକ କଲ୍ୟାଣ କ୍ଷେତ୍ରରେ ନିରନ୍ତର ନିବେଶକୁ ପ୍ରତିଫଳନ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି, ନିରନ୍ତର ବିକାଶ ଏବଂ ସମାବେଶୀ କ୍ଷେତ୍ର ପ୍ରତି ସରକାର ଅଙ୍ଗୀକାରବଦ୍ଧ।

## ଭିବି-ଜି.ରାମ.ଜି.

ଗ୍ରାମୀଣ ସ୍ତରରେ ସଶକ୍ତୀକରଣ ମାଧ୍ୟମରେ ଉନ୍ନତ ଓ ସ୍ୱାବଲମ୍ବୀ ଓଡ଼ିଶା ଗଠନ ହୋଇପାରିବ ବୋଲି ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ କହିଛନ୍ତି।

**ସୁବର୍ଣ୍ଣପୁର**ଠାରେ ଭିବି-ଜି.ରାମ.ଜି ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଓ ଜନସଚେତନତାକୁ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ନାୟକ କହିଛନ୍ତି, ଏହି ଯୋଜନା ମାଧ୍ୟମରେ ଗ୍ରାମୀଣ ଅଂଚଳରେ ମୌଳିକ ସୁବିଧା, ସ୍ୱଚ୍ଛତା, ଜୀବନ-ଜୀବିକା ମାନରେ ଉନ୍ନତି ଓ ସାମଗ୍ରିକ ବିକାଶକୁ ଗୁରତ୍ୱ ଦିଆଯାଇଛି। ବର୍ଦ୍ଧିତ ଗ୍ୟାରେଣ୍ଟି, ସମ୍ପୂର୍ଣ୍ଣ ପ୍ରତିବଦ୍ଧତା ଓ ଦକ୍ଷ ଶାସନକୁ ନେଇ ଏହି ଭିବି-ଜି.ରାମ.ଜିର ପ୍ରମୁଖତା ରହିଛି ବୋଲି ମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ସାଂସଦ ସଂଗୀତା କୁମାରୀ ସିଂହଦେଓ, ବୀରମହାରାଜପୁର

ବିଧାୟକ ରଘୁନାଥ ଜଗଦଳା ଅତିଥି ଭାବରେ ଯୋଗଦେଇ ଏହି ଯୋଜନା ଏକ ଜନକଲ୍ୟାଣକାରୀ ଯୋଜନା ବୋଲି କହିଛନ୍ତି।

## ବରିଷ୍ଠ ନାଗରିକ ଯୋଜନା

ରାଜ୍ୟ ସରକାର ବରିଷ୍ଠ ନାଗରିକମାନଙ୍କୁ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ଅଧିନରେ ଶ୍ରୀକ୍ଷେତ୍ର ପୁରୀ ଦର୍ଶନ କରାଇବେ। ପର୍ଯ୍ୟଟନ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖାଯାଇଛି। ମୋଟ ୩୫ ହଜାର ଲୋକଙ୍କୁ ଏହି ଯୋଜନାରେ ସାମିଲ କରାଯିବ। ଚଳିତ ଆର୍ଥିକବର୍ଷରେ ୫ ହଜାର ଏବଂ ୨୦୨୬-୨୭ ଆର୍ଥିକ ବର୍ଷରେ ୩୦ ହଜାର ହିତାଧିକାରୀ ଏଥିରେ ସାମିଲ ହେବେ। ପଂଚାୟତସ୍ତରରେ ହିତାଧିକାରୀ ତାଲିକା ଚୂଡାନ୍ତ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ବେଳାଭୂମି ମହୋତ୍ସବ

**ଗଞ୍ଜାମ** ଜିଲ୍ଲା ଗୋପାଳପୁର ବେଳାଭୂମି ମହୋତ୍ସବର ଚତୁର୍ଥ ତଥା ଅନ୍ତିମ ଦିବସରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଉଦ୍‌ଯାପନୀ ଉତ୍ସବରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର, ବାଣିଜ୍ୟ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବ୍ରହ୍ମପୁର ସାଂସଦ ଡକ୍ଟର ପ୍ରଦୀପ କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହିବେ।

ଆଜି ଅନୁଷ୍ଠିତ ନୌଚାଳନା ପ୍ରତିଯୋଗିତାରେ ସଫଳ ବ୍ୟକ୍ତିବିଶେଷ ଓ ନୌଚାଳନାରେ ବିଜୟୀ କ୍ରିଡାବିତ୍‌ମାନଙ୍କୁ ଅତିଥିବମାନେ ସମ୍ବର୍ଦ୍ଧିତ କରିବେ।

## ମକା ଚାଷ

**ନବରଙ୍ଗପୁର** ଜିଲ୍ଲା ଝରିଗାଁ ବ୍ଲକ୍‌ରେ ମକା ଚାଷୀଙ୍କଠାରୁ ମକା କ୍ରୟ ଆରମ୍ଭ ହୋଇଛି। ଚଳିତବର୍ଷ ଚାଷୀମାନଙ୍କୁ କୁଇଣ୍ଟାଲ ପିଛା ଗତବର୍ଷ ଅପେକ୍ଷା ୬୦୦ ଟଙ୍କା କ୍ଷତି ସହିବାକୁ ପଡୁଥିବାରୁ ଝରିଗାଁ ବ୍ଲକ୍ କୃଷକ ମହାସଂଘ ପକ୍ଷରୁ ଉଚିତ ମୂଲ୍ୟରେ ମକା କ୍ରୟ କରିବା ପାଇଁ ପ୍ରଶାସନକୁ ଅନୁରୋଧ କରାଯାଇଛି। ଜିଲ୍ଲା ପ୍ରଶାସନ ସହ ଆଲୋଚନା ପରେ କୁଇଣ୍ଟାଲ ପିଛା ୨ ହଜାର ଟଙ୍କାରେ ମକା କ୍ରୟ କରାଯିବା ନେଇ ନିଷ୍ପତ୍ତି ହୋଇଛି। ପ୍ରଥମ ପର୍ଯ୍ୟାୟରେ ଜଣେ ଚାଷୀଙ୍କଠାରୁ ୫୮ କୁଇଣ୍ଟାଲ ମକା କିଣାଯାଇଛି।

## ପଦଯାତ୍ରା

**ନୟାଗଡ଼** ଜିଲ୍ଲା ନୂଆଗାଁ 'ମାଇଁ ଭୋଟ-ମାଇଁ ଭାରତ' ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନୂଆଗାଁ ବିଡିଓ ଡକ୍ଟର ଅମ୍ରିତ ରାଉଳ, ତହସିଲଦାର ପ୍ରମୁଖ ଉପସ୍ଥିତ ରହି ସବୁଜ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ପଦଯାତ୍ରା ନୂଆଗାଁ କଲେଜଠାରୁ ବାହାରି ଥାନା ପଡିଆରେ ପହଞ୍ଚିଥିଲା। ଦେଶର ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ଯୁବକମାନଙ୍କର ପ୍ରମୁଖ ଭୂମିକା ରହିଥିବାବେଳେ ଯୁବ ଭୋଟରମାନେ ନିଜର ଭୋଟ ଦେଇ ଦେଶର ବିକାଶରେ ଭାଗିଦାରୀ ହୋଇପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ

କରିଥିଲେ। ଏହି ଅବସରରେ ନୂଆ ଭୋଟରମାନଙ୍କୁ ଅତିଥିମାନେ ଶୁଭେଚ୍ଛା ଜଣାଇଥିଲେ।

## ସଚେତନତା ପଦଯାତ୍ରା

ଯୁବ ଓ ନୂତନ ମତଦାତାଙ୍କ ମଧ୍ୟରେ ମତଦାନକୁ ନେଇ ସଚେତନ କରାଇବା ଲକ୍ଷ୍ୟରେ **ପୁରୀ** ଜିଲ୍ଲା ବାଲିଗୁଆଳିଠାରେ ଆଜି ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜାତୀୟ ମତଦାତା ଦିବସ ୨୦୨୬ ଉପଲକ୍ଷେ ଏହି ସଚେତନତା ଶୋଭାଯାତ୍ରାରେ ଏକ ଶପଥପାଠ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୁରୀ ଉପଜିଲ୍ଲାପାଳ ରାଜକିଶୋର ଜେନା, ଜିଲ୍ଲା ଲୋକସମ୍ପର୍କ ଅଧିକାରୀ ଓ ବରିଷ୍ଠ ପ୍ରଶାସକ ପ୍ରମୁଖ ଉପସ୍ଥିତ ଥିଲେ।

## ସମୀକ୍ଷା ବୈଠକ

**ନୂଆପଡା** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାରେ ଶିଶୁ ସୁରକ୍ଷା, ପୁନର୍ବାସ ଓ କଲ୍ୟାଣ ସମ୍ପର୍କିତ କାର୍ଯ୍ୟାବଳୀ ଉପରେ ସମୀକ୍ଷା କରାଯାଇଥିଲା।

## ଜନସଚେତନତା କାର୍ଯ୍ୟକ୍ରମ

**ଗଜପତି** ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିଠାରେ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ମାନବ ଅଧିକାର ପରିଷଦ ପକ୍ଷରୁ ସ୍ୱେଚ୍ଛାସେବୀମାନଙ୍କୁ ମାନପତ୍ର ଓ ପରିଚୟପତ୍ର ବଣ୍ଟନ କରାଯାଇଥିଲା।

## ଧାନ କ୍ରୟ

**ଭଦ୍ରକ** ଜିଲ୍ଲା ଚାନ୍ଦବାଲି ବ୍ଲକ୍ ମତୋ ଏବଂ ଭାଟପଡା ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ପହଞ୍ଚି ମଣ୍ଡିରେ ଧାନ କିଣା ପ୍ରକ୍ରିୟା ଅନୁଧ୍ୟାନ କରି ଚାଷୀଙ୍କ ସହ ଆଲୋଚନା କରିଛନ୍ତି। ଧାନ କ୍ରୟ, ମାପଯନ୍ତ୍ର, ଟୋକନ ବ୍ୟବସ୍ଥା, ଧାନର ମାନ ଯାଞ୍ଚ ପ୍ରକ୍ରିୟା ଆଦିରେ ଯେଭଳି ଚାଷୀ କୌଣସି ଅସୁବିଧାର  ସମ୍ମୁଖୀନ ନ ହୁଅନ୍ତି ଜିଲ୍ଲାପାଳ ଏ ନେଇ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ସଂପୂର୍ଣ୍ଣତା ଅଭିଯାନ

**ନୟାଗଡ଼** ଜିଲ୍ଲା ଦଶପଲ୍ଲା ବ୍ଲକ୍ ସଭାଗୃହ ପରିସରରେ ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଆକାଂକ୍ଷା ବ୍ଲକ୍ କାର୍ଯ୍ୟକ୍ରମ ସଂପୂର୍ଣ୍ଣତା ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ଆସନ୍ତାମାସ ୧୪ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ପଂଚାୟତରେ ଅନୁଷ୍ଠିତ ହେବ। ଶିକ୍ଷା, ସ୍ୱାସ୍ଥ୍ୟ ଆଦି ବିଭିନ୍ନ ଜନହିତକର ଯୋଜନା କାର୍ଯ୍ୟକାରୀ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ପ୍ରତ୍ୟେକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ଟିକାକରଣ ସୁନିଶ୍ଚିତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

## ସମୀକ୍ଷା ବୈଠକ

**ନୂଆପଡା** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସମନ୍ୱିତ ଶିଶୁବିକାଶ ଯୋଜନା ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାତୃ, ଶିଶୁ, ସ୍ୱାସ୍ଥ୍ୟ ଉନ୍ନତି ଓ ଜନସଚେତନତା ଉପରେ ଗୁରୁତ୍ୱ ଦିଆଯାଇଛି। ଶିଶୁ ମୃତ୍ୟୁହାର କମାଇବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳ

ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଉତ୍କୃଷ୍ଟ କାର୍ଯ୍ୟ ନିଷ୍ପାଦନ କରୁଥିବା ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କୁ ଜିଲ୍ଲାପାଳ ସମ୍ମାନିତ ଓ ପୁରସ୍କୃତ କରିଥିଲେ।